# ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ , ବରଗଡ଼

ବିଜ୍ଞପ୍ତି ସଂଖ୍ୟା ...07........ / ତାରିଖ 04.01.2022

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ପ୍ରତିପାଳନ ଯତ୍ନ (Foster Care) ବ୍ୟବସ୍ଥା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ପ୍ରଚଳନ କରାଯାଇଅଛି । ଏହି ପ୍ରଚଳିତ ବ୍ୟବସ୍ଥାର ଲକ୍ଷ୍ୟ ହେଲା- ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁମାନଙ୍କୁ ଅସ୍ଥାୟୀ ଭାବରେ ଅଣସମ୍ପର୍କୀୟ ପରିବାର ସହିତ ସ୍ୱଳ୍ପ କିମ୍ବା ଦୀର୍ଘ ସମୟ ପାଇଁ ରଖା ଯାଇଥାଏ ଏବଂ ଆବଶ୍ୟକ ସ୍ଥଳେ ପାରିବାରିକ ପରିସ୍ଥିତି ପରିବର୍ତ୍ତନ ହେଲେ ପୁନଶ୍ଚ ସେମାନଙ୍କୁ ପରିବାର ସହିତ ମିଳିତ ହେବାର ବ୍ୟବସ୍ଥା କରାଯାଇଥାଏ । କିଶୋର ନ୍ୟାୟ ଆଇନ -୨୦୧୫ ଅନ୍ତର୍ଗତ ଧାରା ୪୪ ଓ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ନିୟମ ୨୦୧୬ ଅନ୍ତର୍ଗତ ଅଧୀନିୟମ ୨୩ ଏବଂ ମଡେଲ୍ ଗାଇଡ଼ ଲାଇନ ପ୍ରତିପାଳନ ଯତ୍ନ (Foster Care) ୨୦୧୬ ଏବଂ କିଶୋର ନ୍ୟାୟ ଆଇନ (ଯତ୍ନ ଓ ସୁରକ୍ଷା) ଓଡିଶା ନିୟମା ବଳୀ ୨୦୧୮ ଅନୁଯାୟୀ ଧାରା ୮୮ ର ଅନୁଧାରା ୦୨ ଅନୁଯାୟୀ ଶିଶୁମାନଙ୍କୁ ଥଇଥାନ କରିବା ପାଇଁ ଏହି ବ୍ୟବସ୍ଥା ରହିଅଛି । ଅତି କମ୍‌ରେ ଏକବର୍ଷ ପାଇଁ ଶିଶୁର ପ୍ରତିପାଳନ ଯତ୍ନ ନିମନ୍ତେ ଇଚ୍ଛୁକ ପିତାମାତା/ସଙ୍ଗଠନମାନେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ବରଗଡ଼ ଫୋନ୍ ନଂ.୦୬୬୪୬-୨୩୩୪୦, ମୋବାଇଲ ନଂ.୭୯୭୮୮୧୩୨୯୨ କୁ ଆବେଦନ କରନ୍ତୁ । ପ୍ରତିପାଳନ ଯତ୍ନର ମାନଦଣ୍ଡ ଏବଂ ଆବେଦନ ପତ୍ର www.bargarh.nic.in ରେ ଉପଲବ୍ଧ ଅଛି ।

ସ୍ୱା- ଜିଲ୍ଲାପାଳ, ବରଗଡ଼

Dist. Magistrate & Collector
Bargarh